# ତହସିଲଦାର ଓଡ଼ାପଡ଼ାଙ୍କ କାର୍ଯ୍ୟାଳୟ

ସଂଖ୍ୟା ୧୨୫୫୮ ……/ ତାରିଖ ୨୮·୦୩·୨୦୨୩

## ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଓଡ଼ାପଡ଼ା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖଦାନକୁ ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ (From the year **2022-23** to **2026-27)** ଆର୍ଥିକ ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଓଡ଼ାପଡ଼ାଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules, 2016, Form – M ରେ ପୁରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା ୧୧.୦୪.୨୦୨୩ , ୧୮.୦୪.୨୦୨୩ ଓ ୨୫.୦୪.୨୦୨୩ ରିଖ ଅପରାହ୍ନ ୧.୩୦ ଘଟିକା ସୁଦ୍ଧା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ତହସିଲ ଅଫିସରେ ଦାଖଲ କରିବେ । ସମସ୍ତ ପ୍ରାପ୍ତହୋଇଥିବା ବନ୍ଦ ଲଫାପାଗୁଡ଼ିକ ତା ୧୨.୦୪.୨୦୨୩ **ପୂର୍ବାହ୍ନ ୧୧ ଘଣ୍ଟା** ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡ଼ିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର (Offered Addl. Charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୁର୍ଣ୍ଣ ଦରଖାସ୍ତ ଗୁଡ଼ିକ ଖାରଜ କରାଯିବ । ତା ୧୨.୦୪.୨୦୨୩ ରେ ନିଲାମ ହୋଇପାରିନଥିବା ସୈରାତ ଗୁଡ଼ିକ ପୁନଶ୍ଚ ପରବର୍ତ୍ତି ତା ୧୯.୦୪.୨୦୨୩ ଓ ୨୬ .୦୪.୨୦୨୩ ରିଖରେ ନିଲାମ ହେବ ।

୦୧. ଦରଖାସ୍ତ ଫି ସକାଶେ ଟ ୧୦୦୦.୦୦ (ଏକହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ **Head of Account "0853-Non-ferrous Mining and Metallurgical Industries – 102 – Mineral Concession Fees, Rents and Royalties"** ରେ ଦାଖଲ କରି ଏହାର ପ୍ରତିଲିପି ପ୍ରଦାନ କରିବେ ।

୦୨. ଆବେଦନକାରୀ ଅମାନତ ରାଶି ସ୍ୱରୂପ ରୟାଲଟି ଏବଂ Additional Charge, MGQ ର ବାର୍ଷିକ ୫% ଯାହାକି ଡ଼ିମାଣ୍ଡ ଡ୍ରାଫ୍ଟ ତହସିଲଦାର ଓଡ଼ାପଡ଼ାଙ୍କ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୦୩. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୦୪. କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ନେଇ ଏକ ସତ୍ୟପାଠ ।

୦୫. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ।

୦୬. ଆବେଦନକାରୀ ସଂପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ "MGQ × (Royalty + Offered Additional Charges) ସମାନ ଅର୍ଥ ପରିମାଣର ପୂର୍ବ ଆର୍ଥିକ ବର୍ଷର Income Tax Return (of Previous Financial Year) କିମ୍ବା ସମାନ ଅର୍ଥର Bank Guarantee (for 18 months) ତହସିଲଦାର ଓଡ଼ାପଡ଼ାଙ୍କ ସପକ୍ଷରେ ଦାଖଲ କରିବେ ।

୦୭. ଅନ୍ୟ ବିବରଣୀ ଯଥା, ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

୦୮. GST Registration Certificate ଓ ଚଳିତ ବର୍ଷର G.S.T. Clearance ସାର୍ଟିଫିକେଟର ନକଲ ଏବଂ ଆବେଦନକାରୀଙ୍କ Aadhar Card ଓ PAN Card ର ନକଲ ଦାଖଲ କରିବା ବାଧ୍ୟତାମୂଳକ ଅଟେ ।

### ସର୍ତ୍ତାବଳୀ

୦୧. ଆବେଦନକାରୀମାନେ ଓଡ଼ିଶା ଲଘୁ ଖଣି ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ୨୦୨୨ (Amendment) ର ପରିସର ଭୁକ୍ତ ହେବେ ।

୦୨. ଲିଜଧାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୦୩. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୦୪. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନ ନେଲେ ତତ୍ପରବର୍ତ୍ତି ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ୍ ନେବାର ସୁଯୋଗ ଦିଆଯିବ କିମ୍ବା ଦୁଇ ଆବେଦନକାରୀଙ୍କ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ (By Draw of lots) ନିଲାମଧାରୀ ଚୟନ କରାଯିବ।

୦୫. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ କାଗଜାତ ନ ଦେଇ କିମ୍ବା ପ୍ରଚଳିତ Additional Charge ଧାର୍ଯ୍ୟ ଦରଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କ M ଫର୍ମ ଖାରଜ କରିଦିଆଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୦୬. ପ୍ରଚଳିତ ନିୟମ ଅନୁଯାୟୀ ଲିଜଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

୦୭. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ୍ ଗ୍ରହଣ ନ କଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ।

୦୮. ଲିଜ୍ ମଞ୍ଜୁରୀପରେ ଲିଜଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତି ପାଇଁ ଆବଶ୍ୟକ ଅର୍ଥ ଦାଖଲ କରିବେ । ଲିଜରାଶି + Additional Charge + DMF ର ରାଶି ସହିତ ୨୫% ଅମାନତ ଆକାରରେ ଜମା କରିବେ ।

୦୯. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀର ଉଲଘଂନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି ହେବ ।

୧୦. ଲିଜଧାରୀ ଲିଜରାଶି ଓ ଅମାନତ ଟଙ୍କା ବ୍ୟତିରେକ ୧୦% ଲିଜରାଶି (DMFT) ପାଇଁ ଜମା କରିବେ ।

୧୧. ଲିଜଧାରୀ ଲିଜ ରାଶିର ୫% (Environmental Management Fund) ଆକାରରେ ଦାଖଲ କରିବା ପାଇଁ ବାଧ ହେବେ।

୧୨. ଜିଲ୍ଲାପାଳ ତଥା Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜକୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।

୧୩. ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟଦିବସରେ ଇଚ୍ଛୁକ ପ୍ରାର୍ଥୀ, M ଫର୍ମ, ଲିଜ ସର୍ତ୍ତାବଳୀ ତଥା ସୈରାତର ସମସ୍ତ ବିବରଣୀ ଅବଗତ ହୋଇପାରିବେ ।

୧୪. ଲିଜଧାରୀ ଲିଜ ପାଇବା ପରେ ସୈରାତ ପରିଚାଳନା ପାଇଁ OMMC Rules, 2016 ଓ OMMC (Amendment) Rules, 2022 ର ସମସ୍ତ ସର୍ତ୍ତାବଳୀକୁ ମାନିବାକୁ ବାଧ ହେବେ ।

୧୫. ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ ନଂ F ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ ।

୧୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟି ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରକୁ ଏକତ୍ର କରି ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ତାହା ସହିତ ଅନ୍ୟାନ୍ୟ ସରକାରୀ ଦେୟ ଲିଜଧାରୀ Environment Clearance ଆଣି ସାରିଲା ପରେ ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ଏକକାଳୀନ (ଗୋଟିଏ କିସ୍ତିରେ) ପୈଠ କଲାପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ଏବଂ ଖଣି ପରିଚାଳନା ପାଇଁ Regional Officer State Pollution Control Board, Angul ଙ୍କ ଠାରୁ CTO ଆଣିବା ପାଇଁ ବାଧ ହେବେ ।

୧୭. Mining Plan ଓ ପରିବେଶ ମଞ୍ଜୁରି (Environmental Clearance) ପାଇଁ ଆବଶ୍ୟକ ଅର୍ଥ ଲିଜଧାରୀ ଦାଖଲ କରିବେ ।

୧୮. ଲିଜ ଲାଗି ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୧୯. ଆଶାୟୀ ଆବେଦନକାରୀ ସୈରାତ ଉପରକୁ ପରିଦର୍ଶନ କରି ଗମନାଗମନ ଓ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିବହନ ପାଇଁ ରାସ୍ତାକୁ ନିଜ ବ୍ୟକ୍ତିଗତ ଉଦ୍ୟମରେ ଓ ଜମି ମାଲିକଙ୍କ ଅନୁମତି ମଞ୍ଜୁରୀ ଆଣି ପରିଚାଳନା କରିବେ ।

୨୦. ଲିଜ ଗ୍ରହଣ କରିସାରିଲାପରେ ଲିଜ୍ ସୈରାତ ଚଲାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ଯୋଗ୍ୟ ହେବ ନାହିଁ କିମ୍ବା ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୧. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୨. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୨୩. ଜମା ରୟାଲଟି ରାଶିର (୨%) ଲିଜଧାରୀ (PAN ଧାରୀ) T. C. S. ବାବଦକୁ ନଗଦ ଆକାରରେ ଜମା କରିବେ ଏବଂ ଲିଜଧାରୀ ରୟାଲଟିର ୫% EMF ଓ ୧୦% DMFT ବାବଦକୁ ଦାଖଲ କରିବେ ।

୨୪. ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ (Pillars) ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ନାମ ଫଳକ (Display Board) ତିଆରି କରି ସେଥିରେ ସୈରାତ ଉପର ନାମ, ନକ୍ସା ଓ ତଫସିଲ ଜମିର ବିବରଣୀ (Land Schedule) ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ (Lease Period), ପରିବେଶ ମଞ୍ଜୁରୀ (Environmental Clearance), CTE & CTO ବାବଦରେ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୨୫. ଲିଜଧାରୀ ନିଜ ଖର୍ଚ୍ଚରେ ଆଞ୍ଚଳିକ ଅଧିକାରୀ ପ୍ରଦୂଷଣ ବୋର୍ଡ଼, ଅନୁଗୁଳଙ୍କ ଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ହେବେ ।

୨୬. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ ଲିଜଧାରୀଙ୍କୁ କାର୍ଯ୍ୟାଦେଶ (Work Order) ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୨୭. ସୈରାତ ଉପ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.in ରେ ଉପଲବ୍ଧ ହେବ ।

୨୮. ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

୨୯. ଲିଜ ଗ୍ରହଣ କରିବା ପାଇଁ ଦରଖାସ୍ତ ନିଲାମ ତାରିଖର ପୂର୍ବଦିନ ଯଥା ତା ତା ୧୧.୦୪.୨୦୨୩, ୧୮.୦୪.୨୦୨୩ ଓ ୨୫.୦୪.୨୦୨୩ ରିଖ ଅପରାହ୍ନ ୧.୩୦ ଘଟିକା ସୁଦ୍ଧା ପର୍ଯ୍ୟନ୍ତ ଗ୍ରହଣ କରାଯିବ । ତା ପରେ ଆସିଥିବା ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୩୦. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

29.03.23

ତହସିଲଦାର ଓଡ଼ାପଡ଼ା

ସ୍ମାରକ ସଂଖ୍ୟା ୧୪୬୦ /ତାରିଖ ୨୯.୦୩.୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ଢ଼େଙ୍କାନାଳ/ଗୋଷ୍ଠିଉନ୍ନୟନ ଅଧିକାରୀ, ଓଡ଼ାପଡ଼ା/ସମସ୍ତ ଗ୍ରାମପଞ୍ଚାୟତ/ତହସିଲଦାର ଓଡ଼ାପଡ଼ା ଓ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ଼/ସମ୍ପୃକ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସୈରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

29.03.23

ତହସିଲଦାର ଓଡ଼ାପଡ଼ା

## ସୈରାତର ବିବରଣୀ – ଓଡ଼ାପଡ଼ା ତହସିଲ – ଆର୍ଥିକ ବର୍ଷ ୨୦୨୨ – ୨୦୨୩ ଠାରୁ ୨୦୨୬ – ୨୭ ପର୍ଯ୍ୟନ୍ତ

| କ୍ରମିକ ନଂ | କେଶ ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ରକବା | ସର୍ବ ନିମ୍ନ ମୁଲ୍ୟ (Royalty Per cum) | ଅତିରିକ୍ତ ମୁଲ୍ୟ (Additional Charge (Per cum) | ମୋଟ ଧାର୍ଯ୍ୟ ମୁଲ୍ୟ (Per cum) | ସର୍ବ ନିମ୍ନ ଗ୍ୟାରେଣ୍ଟେଡ଼ ପରିମାଣ (MGQ) | ଆନ୍ତରିକ ଟଙ୍କା (Earnest Money) | Bank Guarantee or Income Tax Return (Previous Year) of amounting = MGQ × (Royalty + Offered Addl. Charges) ଆବଶ୍ୟକ |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ୦୨/୨୨-୨୩ | ବ୍ରାହ୍ମଣବସା ରୋଡ଼ ମେଟାଲ ଖଣି ନଂ-୬ | ବ୍ରାହ୍ମଣବସା | ୧୨୭ | ୮୩୬ | ୦.୩୮ | ୧୩୦ | ୧୮୨ | ୩୧୨ | ୧୪୧୩୦ | ୨୨୦୪୨୮.୦୦ | |
| | | | | | ୮୩୭ | ୦.୧୪ | | | | | | |
| | | | | | ୮୩୮ | ୦.୦୯ | | | | | | |
| | | | | | ୮୩୯ | ୦.୨୬ | | | | | | |
| | | | | | ୮୯୧ | ୦.୨୪ | | | | | | |
| | | | | | ୮୯୨ | ୦.୪୦ | | | | | | |
| | | | | | ୮୮୮ | ୦.୧୦ | | | | | | |
| | | | | | ୮୯୩ | ୦.୧୬ | | | | | | |
| | | | | | ୮୯୪ | ୦.୨୦ | | | | | | |
| | | | | | ୮୯୫ | ୦.୦୬ | | | | | | |
| | | | | | ୮୯୯ | ୦.୫୦ | | | | | | |
| | | | | | ୯୩୦ | ୦.୧୦ | | | | | | |
| | | | | | ୯୩୧ | ୦.୧୬ | | | | | | |
| | | | | | ୯୩୨ | ୦.୨୫ | | | | | | |
| | | | | | ୯୩୫ | ୦.୫୮ | | | | | | |
| | | | | | ୯୪୪ | ୦.୦୮ | | | | | | |
| | | | | | ୯୪୫ | ୦.୨୬ | | | | | | |
| | | | | ୧୨୮ | ୯୩୬ | ୦.୩୬ | | | | | | |
| | | | | | ୮୪୩ | ୦.୬୦ | | | | | | |

ସ୍ୱା :
ତହସିଲଦାର ଓଡ଼ାପଡ଼ା